# Akashvani, Sambalpur

## SAMBALPURI NEWS EVENING BULLETIN

## 2 August 2025- 7.02 pm- 7.12 pm.

*********************************************

୧- ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା ଚାଷୀମାନ୍‌କର୍ କଲ୍ୟାଣ୍ ଦିଗେ ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତାକେ ଦର୍ଶଉଛେ କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଯୋଜ୍‌ନାଥି ୯ କୋଟି ୭୦ ଲାଖ୍ ନୁ ଅଏତ୍‌କା ଚାଷୀଙ୍କୁ ବାଂଟ୍‌ଲେ ୨୦ ହଜାର୍ ୫ ଶହ କୋଟି ଟଙ୍କାର୍ ସାହାଜ୍ ।

୨- ରାଜ୍ୟର୍ ୩୪ ଲାଖ୍ ୮୫ ହଜାର୍‌ନୁ ଅଏତ୍‌କା ଚାଷୀ ପାଏଲେ ୬ ଶହ ୯୭ କୋଟି ଟଙ୍କା ।

୩- ମହାନଦୀ ଜଳ ବିବାଦର ଶୁଣାଣି ଆଏବା ମାସର୍ ୬ ତାରିଖ୍‌କେ ଘୁଚ୍‌ଲା ।

ଆଉର୍

୪- ରାଜ୍ୟର୍ ବିଦ୍ୟାଲୟମାନ୍‌କେ ୬ ହଜାର୍ ୩ ଶହ ନୁ ଅଏତ୍‌କା ଅବସରପ୍ରାପ୍ତ ଶିକ୍ଷକ୍‌ମାନ୍‌କୁ କରାଯିବା ଅତିଥି ଶିକ୍ଷକ ।

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା     ଏନ୍ଏସ୍ଡି

ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍ନା ଦେଶର୍ ଚାଷୀମାନ୍କର୍ କଲ୍ୟାଣ୍ ଦିଗେ ସର୍କାର୍ଙ୍କର୍ ପ୍ରତିବଦ୍ଧତାକେ ଦର୍ଶଉଛେ ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଚାଷୀମାନ୍କର୍ ସବୁ ସମସ୍ୟାର୍ ସମାଧାନ୍ କର୍ବାର୍ ଦିଗେ ଗଲା ୧୦ ବଛର୍ ହେଲା ନ କେନ୍ଦ୍ର ସର୍କାର୍ ଜୋର୍ଦାର୍ ଉଦ୍ୟମ୍ ଚଲେଇଛନ୍ । ଉତର୍ପ୍ରଦେଶ୍ର ବାରଣାସୀ ଠାନେ ପ୍ରଧାନ୍ମନ୍ତ୍ରୀ ଶ୍ରୀ ମୋଦୀ ଆଏଜ୍ ଯୋଜ୍ନାର୍ ୨୦ ନମ୍ବର୍ କିସ୍ତିଥି ଦେଶର୍ ୯ କୋଟି ୭୦ ଲାଖ୍ ଚାଷୀଙ୍କୁ ୨୦ ହଜାର୍ ୫ ଶହ କୋଟି ଟଙ୍କା ସାହାଜ୍ ବାଂଟିକରି କହିଛନ୍,

(ଭଏସ୍ ଓଭର୍- ପ୍ରଧାନ୍ମନ୍ତ୍ରୀ)

ପ୍ରଧାନ୍ମନ୍ତ୍ରୀ କହିଛନ୍, ଯୋଜ୍ନା ଅଧୀନ୍ଥି ଫି' ବଛର୍ ୬ ହଜାର୍ ଟଙ୍କାର୍ ଆର୍ଥିକ୍ ଅନୁଦାନ୍ ୩ ଟା କିସ୍ତିଥି ଚାଷୀମାନ୍କର୍ ବେଙ୍କ୍ ଏକାଉଂଟ୍କେ ସିଧାସଲଖ୍ ଦିଆଯାଉଛେ । ଏବ୍ତକ୍ ଦେଶର୍ ଚାଷୀମାନ୍କୁ ୩ ଲାଖ୍ ୯୦ ହଜାର୍ କୋଟିନୁ ଅଏତ୍କା ଟଙ୍କାର୍ ସାହାଜ୍ ବଂଟାଯାଇଛେ । ଇତାର୍ସହେତେ ଚାଷୀମାନ୍କର୍ ସ୍ଥିତି ବର୍କସ୍ କର୍ବାର୍ ଲାଗି ପିଏମ୍ ଧନ୍ଧାନ୍ୟ ଯୋଜ୍ନା, ପିଏମ୍ ଫସଲ୍ ବୀମା ଯୋଜ୍ନା, ବିକଶିତ କୃଷି ସଂକଳ୍ପ

ଅଭିଯାନ୍ ବାଗିର୍ ବହୁତ୍‌ଟେ ପଦକ୍ଷେପ୍ ନେଇଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ପିଏମ୍ କିଷାନ୍ -ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ I&PR

ପ୍ରଧାନ୍‌ମନ୍ତ୍ରୀ କିଷାନ୍ ଯୋଜ୍‌ନାର୍ ଚାଷୀମାନ୍‌କର୍ ବିକାଶ୍ କର୍‌ବାର୍ ସହେତେ ସେମାନ୍‌କୁ ଅର୍ଥନୀତିର୍ ମୁଖ୍ୟସ୍ରୋତଥି ସାମିଲ୍ କର୍‌ବାର୍‌ଥି ସାହାଜ୍ କରୁଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥା -ସିଫା ଠାନେ ଆଏଜ୍ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ହିତାଧିକାରୀଙ୍କୁ ୨୦ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବାଂଟିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଇ ଯୋଜ୍‌ନାଥି ସବୁ ଯୋଗ୍ୟ ଚାଷୀମାନ୍‌କୁ ସାମିଲ୍ କର୍‌ବାର୍ ରାଜ୍ୟ ସର୍‌କାର୍‌ଙ୍କର୍ ଲକ୍ଷ୍ୟ ରହିଛେ । ଚାଷୀମାନ୍‌କୁ ଗରିବୀ ନୁ ବାହାର୍ କରିକରି ସେମାନ୍‌କର୍ ବିକାଶ୍ କର୍‌ବାର୍ ଦିଗେ ଇ ଯୋଜ୍‌ନା ବଡ଼୍‌ଟେ ଭୂମିକା ନେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଜ୍ୟର୍ ୩୪ ଲାଖ୍ ୮୫ ହଜାର୍‌ନୁ ଅଏତ୍‌କା ଚାଷୀଙ୍କୁ ୬ ଶହ ୯୭ କୋଟି ଟଙ୍କାର୍ ସାହାଜ୍ ବାଂଟିକରି କହିଛନ୍,

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଜ୍ୟର୍ ହିତାଧିକାରୀମାନ୍‌କର୍ ସାଙ୍ଗେ କଥାବାର୍ତା କରିଥିଲେ । ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ

ସିଫାଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ସହେତେ ‘ଏକ୍ ପେଡ଼୍ ମା କେ ନାମ୍ ଅଭିଯାନ୍’ଥି ଗଛ୍ ଲଗେଇଛନ୍ । ଆଝିରର୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପିଏମ୍ କିଷାନ୍-ଜିଲ୍ଲାସ୍ତରୀୟ ସମ୍ବଲପୁର/ବୌଦ୍ଧ/ବର୍‌ଗଡ଼୍

ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ଠାନେ ପିଏମ୍ କିଷାନ୍ ସାହାଜ୍ ବଂଟନ୍ ଅବ୍‌ସରେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ହେଇଥିଲା । ଇଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ରେଢ଼ାଖୋଲ୍ ବିଧାୟକ୍ ପ୍ରସନ୍ନ ଆଚାର୍ଯ୍ୟ, ଜିଲ୍ଲାପାଳ୍, ଆରକ୍ଷୀ ଅଧିକ୍ଷକ୍ ଆର୍ ଅଲ୍‌ଗା ଅଧିକାରୀମାନେ ମଂଚାସୀନ ଥିଲେ । କାର୍ଯ୍ୟକ୍ରମ୍‌ଥି ଚାଷୀମାନେ ଯୋଗ୍ ଦେଇକରି ପିଏମ୍ କିଷାନ୍ ସାହାଜ୍ ଟଙ୍କା ଲାଭ୍ ବାବ୍‌ଦେ କହିଥିଲେ । ଇ ଅବ୍‌ସରେ ସମ୍ପୂର୍ଣ୍ଣତା ଅଭିଯାନ୍ ସମ୍ମାନ୍ ସମାରୋହ କାର୍ଯ୍ୟକ୍ରମ୍ ଭିଲ୍ ହେଇଥିଲା ।

ବୌଦ୍ଧ ଟାଉନ୍‌ହଲ୍ ଠାନେ ଜିଲ୍ଲାସ୍ତରୀୟ ପିଏମ୍ କିଷାନ୍ ସାହାଜ୍ ବଂଟନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଳ୍ ବିଭୂତିଭୂଷଣ୍ ନାୟକଙ୍କର୍ ଅଧକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ

ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଜାତୀୟ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ ଦେଖାଯାଇଥିଲା ।

ବର୍‌ଗଡ୍ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ଠାନେ ଜିଲ୍ଲାସ୍ତରୀୟ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ସାହାଜ୍ ବଂଟନ୍ କାର୍ଯ୍ୟକ୍ରମ୍ ହେଇଥିଲା । କାର୍ଯ୍ୟକ୍ରମଥି ବର୍‌ଗଡ୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ଆର୍ ଅଲ୍‌ଗା ମାନେ ଯୋଗ୍ ଦେଇଥିଲେ । ଯୋଜ୍‌ନାଥି ଜିଲ୍ଲାର୍ ଲାଖେ ୬୫ ହଜାର୍ ୮ ଶହ ୮୩ ଝନ୍ ଚାଷୀ ସାହାଜ୍ ଟଙ୍କା ପାଇଛନ୍ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ଶହେ ୪୦ ନୁ ଅଏତ୍‌କା ହିତାଧିକାରୀ ଚାଷୀ ଯୋଗ୍ ଦେଇଥିଲେ ।

ପିଏମ୍ କିଷାନ-କଲାହାଣ୍ଡି        କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା କୃଷି ମହାବିଦ୍ୟାଳୟ ଠାନେ ଜିଲ୍ଲାସ୍ତରୀୟ ପିଏମ୍ କିଷାନ୍ ସାହାଜ୍ ବଂଟନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍ ଯୋଗ୍ ଦେଇଥିଲେ ।

ଯୋଜ୍‌ନାଥି ଜିଲ୍ଲାର୍ ଲାଖେ ୫୨ ହଜାର୍ ନୁ ଅଏତ୍‌କା ପଞ୍ଜିକୃତ ଚାଷୀ ସାହାଜ୍ ଟଙ୍କା ପାଇଛନ୍ ।

ଅମୃତ୍ ଉଦ୍ୟାନ୍ ଖୁଲ୍‌ବା ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଭବନ୍‌ର ଅମୃତ୍ ଉଦ୍ୟାନ୍ ଆଏବା ୧୬ ତାରିଖ୍‌ନୁ ସେପ୍ଟେମ୍ବର୍ ୧୪ ତାରିଖ୍‌ତକ୍ ସାଧାରଣ୍ ଲୁକ୍‌କର୍ ଲାଗି ଖୁଲାଯିବା । ରାଷ୍ଟ୍ରପତି ଭବନ୍‌ର ସୂଚ୍‌ନା ଅନ୍‌ସାରେ ଇ ସମିଆ ଭିତ୍‌ରେ ସଖାଲର୍ ୧୦ ନୁ ସଞ୍ଝର୍ ୬ ବଜେତକ୍ ଲୁକେ ଉଦ୍ୟାନ୍ ବୁଲି ପାର୍‌ବେ । ମାତରକ ସୋମ୍‌ବାର୍ ଦିନ ଉଦ୍ୟାନ୍ ବନ୍ଦ୍ ରଖାଯିବା । ଖାସ୍ ଦିନ୍ ମାନ୍‌କେ ସ୍ୱତନ୍ତ୍ର ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର ଭାବେ ପ୍ରବେଶ୍ ଅନୁମତି ମିଲ୍‌ବା ବଲି ସୂଚ୍‌ନା ଦିଆଯାଇଛେ ।

ଓଡ଼ିଶା- ଛତିଶ୍‌ଗଡ୍ ମହାନଦୀ ଜଲ୍‌ବିବାଦ୍ ଏକ୍ସ

ଓଡ଼ିଶା- ଛତିଶ୍‌ଗଡ୍ ଭିତ୍‌ରେ ଚାଲିଥିବ ମହାନଦୀ ଜଲ୍‌ବିବାଦ୍ ମାମ୍‌ଲାର୍ ଶୁଣାଣି ଆଏବା ମାସ ୬ ତାରିଖ୍ ହେବା ବଲି ମହାନଦୀ ଜଲ ବିବାଦ ଟ୍ରିବ୍ୟୁନାଲ୍ କହିଛନ୍ । ଟ୍ରିବ୍ୟୁନାଲ୍ ଠାନେ ଆଏଜ୍ ମାମ୍‌ଲାର୍ ଶୁଣାଣି ହେବାର୍ ଥିଲା ।

ସେଆଡ଼େ ଦୁହି ରାଜ୍ୟର୍ ମୁଖ୍ୟ ସଚିବ ଆଉ ରାଜନୈତିକ ସ୍ତର୍ଥି ଆଲୋଚନା ଚାଲିଥିବାର୍‌ନୁ ସମାଧାନ୍ ଲାଗି ଦୁହି ପକ୍ଷ ରାଜି ଥିବାର୍ ଜନାପଡ଼ିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମହାନଦୀ ବିବାଦ୍‌ର ଆପୋଷ ସମାଧାନ୍ ଲାଗି ଛତିଶ୍‌ଗଡ୍ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ଚିଠି ଲେଖିଥିଲେ । ଇତାର୍ ଜବାବ୍‌ଥି ଛତିଶ୍‌ଗଡ୍ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଗଲା ୨୫ ତାରିଖ୍ ଚିଠି ଲେଖିକରି ସହମତି ଦେଇଥିବାର୍ ଜନାପଡ଼ିଛେ । ସେଆଡ଼େ ଓଡ଼ିଶା-ଛତିଶ୍‌ଗଡ୍ ଭିତ୍‌ରେ ଆପୋଷ ଆଲୋଚନା ଭିତ୍‌ରେ ମହାନଦୀ ଜଲ୍‌ବିବାଦ୍‌ର ସମାଧାନ୍ ହେବାର୍ ବାଟ୍ ଫିଟିପାର୍‌ବା ବଲି ଏଡ଼ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ ସୂଚ୍‌ନା ଦେଇଛନ୍ ।

ଅବସରପ୍ରାପ୍ତ ଶିକ୍ଷକ ନିଯୁକ୍ତି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ଅବସରପ୍ରାପ୍ତ ୬ ହଜାର୍ ୩ ଶହ ୮୭ ଝନ୍ ଶିକ୍ଷକଙ୍କୁ ଅତିଥି ଶିକ୍ଷକ୍ ଭାବେ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ମାନ୍‌କେ ନିଯୁକ୍ତି ଦିଆଯିବା । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକେ ଇ ବାବ୍‌ଦେ ଆଏଜ୍ ସୂଚ୍‌ନା ଦିଆଯାଇଛେ । ଅତିଥି ଶିକ୍ଷକ୍‌ମାନ୍‌କୁ

ଅନୁଦାନ୍ ପାଇଥିବା, ବ୍ଲକ୍ ଗ୍ରାଂଟ୍ ଉଚ୍ଚବିଦ୍ୟାଳୟ, ସଂସ୍କୃତ୍ ଟୋଲ୍ ବିଦ୍ୟାଳୟମାନ୍‌କେ ନିଯୁକ୍ତି ଦିଆଯିବା । ସେମାନେ ତାଲିମ୍ ପାଇଥିବା ନୂଆଁ ସ୍ନାତକୋତର ଶିକ୍ଷକ୍ ନିଯୁକ୍ତ ହେବାର୍‌ତକ୍ ପାଠ୍‌ପଢ଼ାବେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀମାନେ ନିଜର୍ ଇଲାକାର୍ ଭିନ୍ ଭିନ୍ ବିଦ୍ୟାଳୟ ନ ଖାଲିପଡ଼ିଥିବା ପଦ୍‌ବୀ ବାବ୍‌ଦେ ବିଭାଗ୍‌କେ ସୂଚ୍‌ନା ଦେବେ ।

ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ- ଫଳ                ହି.ସ.

ପି.ଏମ୍. ପୋଷଣ୍ ଯୋଜ୍‌ନା ଅଧୀନ୍‌ଥି ବିଦ୍ୟାଳୟ ମାନ୍‌କେ ମଧ୍ୟାହ୍ନ ଭୋଜନ୍‌ଥି ଯେନ୍ ଛାତ୍ରଛାତ୍ରୀ ଅଣ୍ଡା ନାଇଁ ଖାଏବେ ସେମାନ୍‌କୁ ଫଲ୍ ଖାଏବାର୍‌କେ ଦିଆଯିବା । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଆଏଜ୍ ସବୁ ଜିଲ୍ଲାର୍ ଶିକ୍ଷା ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ନିର୍ଦ୍ଦେଶ୍ ଅନ୍‌ସାରେ ଶିଶୁ ବାଟିକା ନୁ ୧୦ ଶ୍ରେଣୀତକ୍ ଛାତ୍ରଛାତ୍ରୀମାନ୍‌କର୍ କ୍ଷେତ୍ରଥି ଇଟା ଲାଗୁ କରାଯିବା । ପିଲାମାନ୍‌କୁ କଦେଲ୍, ଆମ୍, ସେଓ ବାଗିର୍ ଫଲ୍ ଖାଏବାର୍‌କେ ଦିଆଯିବା ।

ଜୈବିକ୍ ଚାଉଲ୍‌ଥି  ଅବଢ଼ା          ହି.ସ.

ପୁରୀ ଶ୍ରୀମନ୍ଦିର୍ ନ ରାଜ୍ୟ ସର୍‌କାର୍ ଜୈବିକ୍ ଚାଉଲ୍‌ଥି  ଅବଢ଼ା ତିଆର୍ କର୍‌ବାର୍‌କେ ଯୋଜ୍‌ନା କରୁଛନ୍ । ଇଥିର୍‌ଲାଗି ସର୍‌କାର୍ ୫ ବର୍ଷିଆ ଯୋଜ୍‌ନା ତିଆର୍ କରିଛନ୍ । ଶ୍ରୀମନ୍ଦିର୍‌କେ ଜୈବିକ୍ ଚାଉଲ୍ ଯୁଗାବାର୍ ଲାଗି ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କନ୍ଧମାଲ୍, ମାଲ୍‌କାନ୍‌ଗିରି, କୋରାପୁଟ୍, ରାୟଗଡ଼ା, ମୟୁର୍‌ଭଞ୍ଜ୍ ଆର୍ କେନ୍ଦୁଝର୍ ନ ସ୍ୱତନ୍ତ୍ର ଭାବେ ଚାଷ୍ କରାଯିବା । ଇଥିର୍‌ଲାଗି ବଳଭଦ୍ର ଜୈବିକ ଚାଷ ମିଶନ୍ ଅଧୀନ୍‌ଥି ଶହେ ୧୩ କୋଟି ଟଙ୍କା ଖର୍ଚ୍ଚା କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

ସେଲ୍ଫ ଆପ୍ରାଇଜାଲ୍ ସମିଆ          ହି.ସ.

ରାଜ୍ୟ ସର୍‌କାର୍ ସର୍‌କାରୀ କର୍ମଚାରୀ ମାନ୍‌କର୍ ସେଲ୍ଫ ଆପ୍ରାଇଜାଲ୍ ସମିଆକେ ବଢ଼େଇଛନ୍ । ଗ୍ରୁପ୍-ଏ ଆର୍ ଗ୍ରୁପ୍-ବି ସର୍‌କାରୀ କର୍ମଚାରୀଙ୍କର୍ କ୍ଷେତ୍ରଥି ଇ ସମିଆ ବଢ଼ାଯାଇଛେ । ଧାରିଜ୍ ସମିଆ ଭିତ୍‌ରେ ଏଚ୍.ଆର୍.ଏମ୍.ଏସ୍. ପୋର୍ଟାଲ୍‌ଥି ତଥ୍ୟ ଅପ୍‌ଲୋଡ୍

କର୍‌ବାର୍ ଲାଗି ସାଧାରଣ୍ ପ୍ରଶାସନ୍ ବିଭାଗ୍ ତର୍‌ଫୁ ସବୁ ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ସାଗରିକା ନାଥ-ଏନ୍‌ଆଇଏ ଆରକ୍ଷୀ ଅଧୀକ୍ଷକ ଏକ୍ସ

ଓଡ଼ିଶା କେଡ଼ର୍ ଆଇପିଏସ୍ ଅଧିକାରୀ ଆଉ ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏର ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତି ପାଇଛନ୍ । ତାଙ୍କୁ ତୁର୍‌ତି ରିଲିଭ୍ କରିକରି କେନ୍ଦ୍ରକେ ପଠାବାର୍ ଲାଗି ଗୃହ ମନ୍ତ୍ରଣାଳୟ ତର୍‌ଫୁ ମୁଖ୍ୟ ସଚିବଙ୍କୁ ଚିଠି କରାଯାଇଛେ ।

ଶିଳ୍ପ ଆଉ ଦକ୍ଷତା ବିକାଶ୍ ମନ୍ତ୍ରୀ-ବୌଦ୍ଧ ବୌଦ୍ଧ

ସମ୍ବାଦଦାତା

ଶିଳ୍ପ ଆଉ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚରଣ୍ ସ୍ୱାଇଁ ଆଏଜ୍ ୨ ଦିନିଆ ବୌଦ୍ଧ ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସର୍‌କାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ୍ ଆଉ ଜିଲ୍ଲା ଦକ୍ଷତା ବିକାଶ୍ କେନ୍ଦ୍ର ବୁଲିକରି ତାଲିମ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ଛାତ୍ରଛାତ୍ରୀଙ୍କର୍

ସାଙ୍ଗେ ଆଲୋଚନା କରିଛନ୍ । ତାର୍‌ଉତ୍‌ରୁ ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା ଗୃହ ନ ଶିଳ୍ପ ଆଉ ଦକ୍ଷତା ବିକାଶ୍ ବିଭାଗ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ଥି ବୟନଶିଳ୍ପ ଉଦ୍ୟାନ, ଭୂ-ବେଙ୍କ୍ ଥିତି, ନିବେଶ୍, ଏମ୍‌ଏସ୍‌ଏମ୍‌ଇ ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ/ହୀରାକୁଦ୍ ଜଲ୍‌ଭଣ୍ଡାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଲଘୁଚାପ୍ ବଲେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ୍ ଓଡ଼ିଶା ସହେତେ ରାଜ୍ୟର୍ ୨୭ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ହାଲ୍‌କା ନୁ ମଧମ୍ ବର୍ଷା ହେଇପାରେ ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ଫେର୍‌ଗୁଟେ ଗେଟ୍ ବନ୍ଦ୍ କରାଯାଇଛେ । ଏଛେନ୍ ଗୁଟେ ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେତକ୍ ଜଲ୍‌ଭଣ୍ଡାରର୍ ଜଲ୍‌ସ୍ତର୍ ୬ ଶହ ୧୧ ଦଶ୍‌ମିକ୍ ଶୂନ୍/୮ ଫୁଟ୍ ରହିଛେ ।